# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ : କେନ୍ଦୁଝର

(ତଉଜି ଉପବିଭାଗ)

ସର୍ବସାଧାରଣ ନୋଟିସ

ବିଜ୍ଞପ୍ତି ସଂଖ୍ୟା ୨୬୫/ତାରିଖ ୧୩.୧୧.୨୦୨୪.

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ତେର (୧୩) ଗୋଟି ତହସିଲ ଅଧିନରେ ଅବସ୍ଥିତ ଥିବା ଓ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଲୌହ ବିଭାଗରେ ଅଧୀନରେ କାର୍ଯ୍ୟରତ ଲଘୁ ଖଣିଜ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଲଘୁଖଣିଜ ଉତ୍ସ (ବାଲି ,ପଥର ,ମାଟି,ମୋରମ ଓ ମାଙ୍କଡ଼ା ପଥର) ଓ ନିର୍ଦ୍ଦିଷ୍ଟ ଭାବେ ତାଲିକା ଭୁକ୍ତ ଲଘୁ ଖଣିଜ ଉତ୍ସ ( specified minor mineral) ଓ decorative ପଥର (Quartz, Quartzite , Pyroxenite etc ) ଭାବେ ଚିହ୍ନିତ ଉତ୍ସ ଗୁଡିକ ଚିହ୍ନଟ କରାଯାଇଛି ।କେନ୍ଦ୍ର ସରକାରଙ୍କ ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ( F.E & C .C) ଦ୍ୱାରା ପ୍ରଚଳିତ ଆଇଆନ ଅନୁଯାୟୀ ଓ ରାଜ୍ୟ ପରିବେଶପ୍ରଭାବ ଆକଳନ କର୍ତ୍ତୃପକ୍ଷ(SEIAA) ଙ୍କ ନିର୍ଦ୍ଦେଶ କ୍ରମେ ଉତ୍ସ ଗୁଡିକରୁ ଦ୍ରବ୍ୟ ଉତ୍ତୋଳନ ପୂର୍ବରୁ ଆବଶ୍ୟକ ପଡୁଥିବା ସର୍ବେକ୍ଷଣ କରାଯାଇ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ( District Survey Report )ର ଏକ ଚିଠା ପ୍ରସ୍ତୁତ କରାଯାଇ ଅଛି ଓ ତାହାର ଏକ ତାଲିକା ଏଠି ସହିତ ସଂଲଗ୍ନ କରାଯାଇଅଛି ।

ସରକାରଙ୍କ ନିୟମ ଅନୁଯାୟୀ ଖଣିଜ ଉତ୍ସ ଗୁଡିକର ଚୂଡାନ୍ତ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ(District Survey Report)ରେ ସ୍ଥାନିତ ହେବା ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ନୋଟିସ ମାଧ୍ୟମରେ ଜିଲ୍ଲା ୱେବ ପୋର୍ଟାଲ(www.kendujhar.odisha.gov.in)ରେ ଉପଲବ୍ଧ କରାଯାଇଛି ।ପ୍ରକାଶ ଥାଉକି ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା ଅଥବା ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ(District Survey Report)ରେ ସଂଶୋଧନ ଚାହୁଁଥିବା ସର୍ବସାଧାରଣ /ବ୍ୟକ୍ତି ବିଶେଷ/ସଂସ୍ଥା ଉପଯୁକ୍ତ କାରଣ ଦର୍ଶାଇ ନୋଟିସ ପ୍ରକାଶିତ ହେବାର ତିରିଶ( ୩୦) ଦିନ ମଧ୍ୟରେ ସେମାନେ ନିଜେ ବା ସେମାନଙ୍କ ଦ୍ୱାରା ମନୋନୀତ ଓ କ୍ଷମତା ପ୍ରାପ୍ତ ବ୍ୟକ୍ତି ଜରିଆରେ ନିଜର ଆପତ୍ତି, ଅଭିଯୋଗ /ପ୍ରସ୍ତାବ /ସୁପାରିଶ ଉପ-ଜିଲ୍ଲାପାଳ,କେନ୍ଦୁଝର( Sub-Collector,Keonjhar) ନିକଟରେ ଦାଖଲ କରିପାରିବେ ବା subcol.keon-od@ nic.in କୁ ପ୍ରେରଣ କରିପାରିବେ ।ନିର୍ଦ୍ଧାରିତ ସମୟ ପରେ ଆପତ୍ତି ଅଭିଯୋଗ , ସଂଶୋଧନ ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କେନ୍ଦୁଝର ।

ପରିପତ୍ର ସଂଖ୍ୟା ୨୬୬ ତାରିଖ ୧୩.୧୧.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ତହସିଲ କାର୍ଯ୍ୟାଳୟ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ ଖଣି ନିର୍ଦ୍ଦେଶକ ଓ ସମସ୍ତ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା ଓ ସେମାନେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହାକୁ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା D.I.O , N.I.Cଙ୍କ ନିକଟକୁ ପ୍ରେରଣ କରାଗଲା ଓ ସେ ଏହାକୁ ଜିଲ୍ଲା ୱେବ ପୋର୍ଟାଲ(www.kendujhar.odisha.gov.in) ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର ।